# ପ୍ରେସ ଇସ୍ତାହାର

## ଗାନ୍ଧୀଶିଳ୍ପ ବଜାର ପ୍ରଦର୍ଶନୀ-୨୦୨୩, ନାଲକୋ ନଗର, ଭୁବନେଶ୍ବର

ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ. (ଉତ୍କଳିକା) ଦ୍ବାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ବର ଙ୍କ ଆର୍ଥିକ ସହାୟତାରେ ଏକ ୧୦ ଦିନ ବ୍ୟାପୀ ଜାତୀୟ ସ୍ତରୀୟ ପ୍ରଦର୍ଶନୀ (ଗାନ୍ଧୀଶିଳ୍ପ ବଜାର--୨୦୨୩) ତା ୨୦.୧୦.୨୦୨୩ ରୁ ୨୯.୧୦.୨୦୨୩ ପର୍ଯ୍ୟନ୍ତ ଗୋପବନ୍ଧୁ ପାର୍କ ନିକଟସ୍ଥ ଖୋଲା ମଞ୍ଚ ପରିସର, ନାଲକୋ ନଗର ଠାରେ ଆୟୋଜିତ ହେଉଅଛି। ଏଥିରେ ଓଡ଼ିଶା ସମେତ ବାହାର ୧୦ଟି ରାଜ୍ୟରୁ ମୋଟ ୧୦୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ବାରା ଉତ୍ପାଦିତ ସାମଗ୍ରୀ ମାନ ପ୍ରଦର୍ଶନୀ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରିବେ । ଏଥିରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ଯଥା ଜାମୁ ଓ କାଶ୍ମୀରର ଏମବ୍ରୋଡୋରୀ ପଟ୍ଟଚିତ୍ର;କାଶ୍ମିରୀଶାଲ; ରାଜସ୍ଥାନର ଜୁୟେଲାରି;ଚମଡାଶିଳ୍ପ;ଜରିଶିଳ୍ପ; ମଧ୍ୟପ୍ରଦେଶର ଏମବ୍ରୋଡୋରୀ; ଜରିଶିଳ୍ପ; ଜୁୟେଲାରି; ମଣିପୁରର ମଣିପୁରୀଶାଢୀ; ନାଗାଲାଣ୍ଡର ପୁଷ୍ପଶିଳ୍ପ ଓ ବୟନଶିଳ୍ପ; ଉତ୍ତରପ୍ରଦେଶର କାର୍ପେଟ;କାଠ ଖୋଦେଇ;ଚମଡାଶିଳ୍ପ;ଜରିଶିଳ୍ପ;ଜୁଏଲେରୀ;ବୟନଶିଳ୍ପ;ଲୋହ୍ୟଶିଳ୍ପ;ପଶ୍ଚିମବଙ୍ଗରଝୋଟଶିଳ୍ପସାମଗ୍ରୀ; ଏମବ୍ରୋଡୋରୀ; ପେଣ୍ଟିଂଙ୍ଗ ଶାଢୀ ତଥା ଓଡ଼ିଶାର ପଥର ଖୋଦେଇ; କାଠ ଖୋଦେଇ; ଶାମୁକା; କାର୍ପେଟ; କଂସା ଓ ପିତ୍ତଳ; ଢୋକରା; ସିଂଘ; ଝୋଟ କାମ ଭଳି ଅତ୍ୟନ୍ତ ଉଚ୍ଚମାନର ହସ୍ତଶିଳ୍ପ ସାମଗ୍ରୀ ମାନଙ୍କର ପ୍ରଦର୍ଶନ ତଥା ବିକ୍ରୟ କରାଯିବ ।

ଏହିଭଳି ଏକ ଗୌରବମୟ ମେଳାର ଆୟୋଜନ ଓ ପରିଚାଳନା ତଥା ସର୍ବୋପରି ଦୁର୍ଗାପୂଜା ଓ କୁମାର ପୂର୍ଣିମା ଅବସରରେ ଜନସାଧରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ଆନୁମାନିକ ୫୦ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଅଛି ଏବଂ ୨୫-୩୦ ହଜାର ଦର୍ଶକଙ୍କ ଆଗମନ ର ସମ୍ଭାବନା ରହିଛି।

ଏହି ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକା ଠାରୁ ସନ୍ଧ୍ୟା ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ଆସନ୍ତା କାଲି ସନ୍ଧ୍ୟା ୬.୩୦ମିରେ ଶ୍ରୀମତୀ ରୀତା ସାହୁ, ମାନ୍ୟବର ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ଏହି ପ୍ରଦର୍ଶନୀର ଶୁଭ ଉଦଘାଟନ କରିବାର ସଦୟ ସ୍ବୀକୃତି ପ୍ରଦାନ କରିଛନ୍ତି। କୁମାରୀ ଦେବସ୍ମିତା ସାହୁ, ସଭାପତି, ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ଉପସଭାପତି, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ବର, ଶ୍ରୀ ବିକ୍ରମାଦିତ୍ୟ ବାରିକ, ଅତିରିକ୍ତ ଶାସନ ସଚିବ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏବଂ ଶ୍ରୀମତୀ କଲ୍ୟାଣୀ ପଟ୍ଟନାୟକ, ଯୁଗ୍ମ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶୀକା, ଉତ୍କଳିକା, କୁମାରୀ ଶୈଳଜା, ସହନିର୍ଦ୍ଦେଶକ, ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ଭୁବନେଶ୍ବର, ଓ ଅନ୍ୟାନ୍ୟ ଅଧିକାରୀ ଗଣ ଏହି ବିଶେଷ ଉତ୍ସବରେ ଉପସ୍ଥିତ ରହିବେ।

ଏହି ଅବସରରେ ଆପଣମାନଙ୍କ ଜରିଆରେ ଏହି ମେଳାର ପ୍ରଚାର ପ୍ରସାର ଦ୍ବାରା ଏହି ଅଞ୍ଚଳର ପ୍ରତେକ ଜନସାଧରଣଙ୍କ ପାଖରେ ପହଁଚିପାରିବ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ

ଜ୍ଞାପକ ସଂଖ୍ୟା ୨୭୦ ତା. ୧୮-୧୦-୨୩

ଏହାର ଏକାଧିକ ନକଲ ସମସ୍ତ ଜିଲ୍ଲାସ୍ଥିତ ସାମ୍ବାଦିକଙ୍କ ନିକଟକୁ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ

OPPO Reno7 5G
DIPRO ANGL | 2023.10.19 16:20